SAMBAD
ସମ୍ବାଦ
ମଙ୍ଗଳବାର, ମାର୍ଚ୍ଚ ୨୯, ୨୦୧୧

### ବୟସ୍କ ଲୋକଙ୍କ ଅଧିକାର ଉପରେ କର୍ମଶାଳା

# ନିଜ ପିଲାଙ୍କ ନାଁରେ ନାଲିସ କରିପାରୁନୁ

ଭୁବନେଶ୍ୱର, ୨୮।୩(ଇମିସ): ଯେଉଁ ପିଲାଙ୍କୁ କାଖେଇ କୋଳେଇ ବଡ଼ କରିଥିଲୁ ସେମାନେ ଯଦି ଶେଷ ମୁହୂର୍ତ୍ତରେ ବାପାମାଆଙ୍କୁ ନ ପଚାରିବେ ତାହେଲେ ଆମେ କଣ କରିବୁ? ଯେଉଁମାନଙ୍କ ଶୁଭ ମନାସି ଦିଅଁଙ୍କୁ ପୂଜା କରୁଥିଲୁ ସେମାନଙ୍କ ନାଁରେ ନାଲିସ କରିବାକୁ ଥାନାକୁ କଣ ଯାଇ ପାରିବୁ? ସେତିକି କରି ପାରୁ ନାହିଁ ବୋଲି ଏ ବୁଢ଼ା ବୟସରେ ହଇରାଣ ହେଉଛୁ । ଏହା ଜଣେ କିମ୍ବା ଦୁଇ ଜଣ ଅସହାୟ ବୁଢ଼ାବୁଢ଼ୀଙ୍କ କଥା ନ ଥିଲା । ପିକକ୍ ପକ୍ଷରୁ ବୟସ୍କ ଲୋକଙ୍କ ଅଧିକାର ଉପରେ ଆୟୋଜିତ କର୍ମଶାଳାକୁ ଆସିଥିବା ଅଧିକାଂଶ ବୟସ୍କ ବାପାମା'ଙ୍କର ଏହା ଥିଲା ଦୁଃଖ ଓ ବେଦନାଭରା ଅନୁଭୂତି ।




ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ଓ ହେଲ୍‌ପ ଏଜ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରେଡକ୍ରସ ଭବନ ପରିସରରେ ଆଜି ବୟସ୍କ ଲୋକଙ୍କ ଅଧିକାର ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । 'ପିକକ୍'ର ଅଧ୍ୟକ୍ଷା ଆଦରମଣି ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବହୁ ବୟସ୍କ ବ୍ୟକ୍ତି ଆସି ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ପ୍ରାରମ୍ଭରେ ପିକକ୍‌ର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି କର୍ମଶାଳାର ଭିତ୍ତିପତ୍ର ଉପସ୍ଥାପନ କରି ବୟସ୍କ ଲୋକମାନେ ମୁଖ୍ୟତଃ ୩ଟି ଅଧିକାର ଯଥା ସୁରକ୍ଷା ଅଧିକାର, ଅଂଶଗ୍ରହଣ ଅଧିକାର ଓ ଆତ୍ମମର୍ଯ୍ୟାଦା ଅଧିକାର ଉପରେ ଗୁରୁତ୍ୱ ଦେଇଥିଲେ । ସମସ୍ତ ବ୍ୟକ୍ତି ନିଜର ବୟସ୍କ ପିତାମାତାଙ୍କ ଆବଶ୍ୟକତା, ପରିଚର୍ଯ୍ୟା ଓ ସୁରକ୍ଷା ପାଇଁ ଯତ୍ନବାନ ହେଲେ ବୟସ୍କ ବ୍ୟକ୍ତିମାନଙ୍କ ଅଧିକାର ସୁରକ୍ଷିତ ରହିବ ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ସୁଲତା ଦେଓ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କହିଲେ ଯେ ପିତାମାତାଙ୍କ ଋଣ କେହି ଶୁଝି ପରନ୍ତି ନାହିଁ । ନିଜର ଅଧିକାର, ପଦମର୍ଯ୍ୟାଦା କ୍ଷୁଣ୍ଣ ହେଉଥିଲେ ମଧ୍ୟ ବାପାମା'ମାନେ ସେମାନଙ୍କ ପିଲାମାନଙ୍କ ବିରୋଧରେ ଅଦାଲତକୁ ଯାଆନ୍ତି ନାହିଁ । ତେଣୁ ସେହି ବୟସ୍କ ବ୍ୟକ୍ତିମାନଙ୍କ ଭାବନାକୁ ସମ୍ମାନ ଜଣାଇବା ପ୍ରତ୍ୟକ ବ୍ୟକ୍ତିର କର୍ତ୍ତବ୍ୟ ବୋଲି ସେ କହିଥିଲେ । ହେଲ୍‌ପଏଜ୍ ଇଣ୍ଡିଆର କାର୍ଯ୍ୟକ୍ରମ ପରିଚାଳକ ପଞ୍ଚାନନ ପ୍ରଧାନ ନିଜ ଅଭିଭାଷଣରେ ନିଜ ଅଧିକାର ସମ୍ପର୍କରେ ବୟସ୍କ ବ୍ୟକ୍ତିମାନେ ସଚେତନ ହୋଇପାରିଲେ ସେମାନଙ୍କ ଅଧିକାର ସୁରକ୍ଷିତ ରହିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ବିକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।